## ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ-ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଶନିବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଲାଠି ଗ୍ରାମର ଶଙ୍କର ସ୍ୱାଇଁ (୨୯)। ମାମଲା ନଂ. ୩୫୬ /୨୦ ରେ ପୋଲିସ ଶଙ୍କରଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଭେମ୍ବର ୫ ରେ ଲାଠି ଗ୍ରାମର ହୀନ ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଜମି ବିବାଦକୁ ନେଇ ହୀନ ସ୍ୱାଇଁଙ୍କୁ ଲାଠିର ତାରିଣୀ ସ୍ୱାଇଁ ଓ ତାଙ୍କ ୨ପୁଅ ଗୌରହରି ଓ ଶଙ୍କର ଖଣ୍ଡାରେ ଆକ୍ରମଣ କରିଥିଲେ। ହୀନଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ପୋଲିସ ତାରିଣୀ ଓ ଗୌରହରିଙ୍କୁ ଗିରଫ କରିଥିଲା। ଘଟଣା ପରେ ଶଙ୍କର ଫେରାର ହୋଇଯାଇଥିଲେ।

### ସଂକ୍ଷେପରେ

## ନାବାଳିକାଙ୍କୁ ମାଡ଼ ମାରି ୧୬ ମହିଳା ଗିରଫ

**ଖଲ୍ଲିକୋଟ,୧୯।୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ଅନୁସୂଚିତ ଜାତିର ନାବାଳିକା ଓ ତାଙ୍କ ଆଈଙ୍କୁ ମାଡ ମାରିବା ଅଭିଯୋଗରେ ଶନିବାର ୧୬ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ସମ୍ପୃକ୍ତ ନାବାଳିକା ତାଙ୍କ ଆଈ ଘରେ ରୁହନ୍ତି। ଶୁକ୍ରବାର କୌଣସି ଏକ ଅନୈତିକ କାର୍ଯ୍ୟ ସନ୍ଦେହରେ ନାବାଳିକାଙ୍କୁ ଗ୍ରାମର କେତେଜଣ ମହିଳା ମାଡ ମାରିଥିଲେ। ଶନିବାର ମଧ ଏନେଇ ଗ୍ରାମରେ ବୈଠକ ବସିଥିଲା। ସମ୍ପୃକ୍ତ ନାବାଳିକା ଓ ତାଙ୍କ ଆଈଙ୍କୁ ଡାକି ସେଠାରେ ମାଡ ମରାଯାଇଥିଲା। ଏନେଇ ଥାନାରେ ଆଇ ଅଭିଯୋଗ କରିବାରୁ ଖଲ୍ଲିକୋଟ ପୋଲିସ ନଂ.୫୨୮/୨୦ରେ ମାମଲା ରୁଜୁକରି ୧୬ଜଣ ମହିଳାଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।

## ୩ ନାବାଳିକା ଉଦ୍ଧାର, କୋର୍ଟରେ ବୟାନ ରେକର୍ଡ

ବ୍ରହ୍ମପୁର ଅଫିସ,୧୯।୧୨-ସଦର ଥାନା ପୋଲିସ ପୃଥକ ସ୍ଥାନରୁ ଅପହରଣ ହୋଇଥିବା ୩ ନାବାଳିକାଙ୍କୁ ଉଦ୍ଧାର କରିଛି। ଶନିବାର କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି । ଘଟଣାରୁ ପ୍ରକାଶ, ଗତ ୫ ତାରିଖରେ ୨ଜଣ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ତା'ପର ଦିନ ଅର୍ଥାତ ଗତ ୬ ତାରିଖରେ ଅନ୍ୟ ଏକ ଗାଁରୁ ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପୃଥକ ଭାବେ ୨ ଟି ମାମଲା ରୁଜୁ କରିଥିଲା। ମୋବାଇଲ ଟ୍ରାକିଂ ମାଧମରେ ନାବାଳିକାଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

## ହତ୍ୟା ମାମଲା, ସମ୍ପର୍କୀୟ ଭାଇ କୋର୍ଟଚାଲାଣ

### ରକ୍ତଭିଜା ଶାର୍ଟ, ଅଳଙ୍କାର ଜବତ

ଦିଗପହଣ୍ଡି,୧୯।୧୨(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମ ତଳସାହିର କେଦାର ବେହେରାଙ୍କ ସ୍ତ୍ରୀ ସୁଜାତାଙ୍କୁ ଗତ ସୋମବାର ହତ୍ୟା କରାଯାଇଥିଲା। ଏହି ମାମଲାରେ ୭ ଜଣଙ୍କୁ ଦିଗପହଣ୍ଡି ପୋଲିସ ଅଟକ ରଖିଥିଲା। ହତ୍ୟାରେ ସମ୍ପୃକ୍ତ ଥିବା ଜରଡ଼ା ଥାନା ତଣ୍ଡିପୁର ଗ୍ରାମର ହେମନ୍ତ ବେହେରାଙ୍କୁ ଶନିବାର କେ.ନୂଆଗାଁ ପୋଲିସ କୋର୍ଟ ଚାଲାଣ କରିଛି। ମାମଲା ନଂ.୨୮୦/୨୦ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଗାଁ ପୋଖରୀ ନିକଟ ଏକ ପଥର ଖୋଲରୁ ସୁନା ଗହଣା ସମେତ ଏକ କଲଭର୍ଟ ତଳୁ ଅଭିଯୁକ୍ତଙ୍କ ରକ୍ତ ଭିଜା ଶାର୍ଟକୁ ପୋଲିସ ଜବତ କରିଛି। ଗତ ସୋମବାର ଧାନ କାଟିବାକୁ ସୁଜାତାଙ୍କ ଭାଇ ଶଙ୍କର ତାଙ୍କ ସମ୍ପର୍କୀୟ ଭାଇ ହେମନ୍ତଙ୍କୁ ନେଇ କେଦାରଙ୍କ ଘରକୁ ଆସିଥିଲେ। ସମସ୍ତେ ମିଶି ଧାନ କାଟିବାକୁ ଯାଇଥିବା ବେଳେ ସୁଜାତା ଘରେ ଏକୁଟିଆ ଥିଲେ। ହେମନ୍ତ ପୁଡିଆ ଆଣିବା ବାହାନାରେ ଘରକୁ ଆସି ସୁଜାତାଙ୍କ ଦୁର୍ବ୍ୟବହାର କରିଥିଲେ। ପ୍ରତିବାଦ କରିବାରୁ ହେମନ୍ତ ସୁଜାତା ମୁହଁକୁ ମାଡ଼ ମାରି କ୍ଷତାକ୍ତ କରିବା ପରେ ବେକକୁ ଗୋଡ଼ରେ ଚକୁଡ଼ି ହତ୍ୟା କରିଥିଲେ। ପରେ ସୁଜାତା ପିନ୍ଧିଥିବା ସୁନା ଅଳଙ୍କାରକୁ ନେଇ ଲୁଚାଇ ଦେବା ସହ ରକ୍ତ ଲାଗିଥିବା ଶାର୍ଟକୁ କଲ୍‌ଭର୍ଟ ତଳେ ଫୋପାଡ଼ି ପୁଣି ବିଲକୁ ଯାଇଥିଲେ। ଧାନ କଟା ସରିବା ପରେ କେଦାର ସଂଜ୍ଞାହୀନ ଅବସ୍ଥାରେ ସୁଜାତାଙ୍କୁ ପଡ଼ିଥିବା ଦେଖି ତାଙ୍କୁ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବହୁ ବର୍ଷ ପୂର୍ବେ ଅଭିଯୁକ୍ତଙ୍କ ଭଉଣୀ ନିଖୋଜ ହୋଇଯାଇଥିଲେ। ସୁଜାତା ସମସ୍ତ ଘଟଣା ଜାଣିଥିବା ସନ୍ଦେହରେ ପୂର୍ବ ଯୋଜନା ପ୍ରକାରେ ଏଭଳି କାଣ୍ଡ ଘଟାଇଥିବା ନେଇ ଅଭିଯୁକ୍ତ ପୋଲିସ ନିକଟରେ ବୟାନ ଦେଇଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ରରେ ଶୀତବସ୍ତ୍ର, ପୋଷାକ ବଣ୍ଟନ

ବ୍ରହ୍ମପୁର ଅଫିସ୍,୧୯।୧୨-ମହାନଗର ନିଗମ ଅନ୍ତର୍ଗତ ୪ନଂ ୱାର୍ଡ଼ରେ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଶନିବାର ଅଙ୍ଗନ୍‌ୱାଡ଼ି କେନ୍ଦ୍ରର ଶିଶୁମାନଙ୍କୁ ଶୀତ ବସ୍ତ୍ର ଓ ପୋଷାକ ବଣ୍ଟନ କରାଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିଶୁମାନଙ୍କର ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଅତିଥି ରୂପେ ୪ନଂ ୱାର୍ଡ଼ର ପୂର୍ବତନ କର୍ପୋରେଟର ଅନୀଲ କୁମାର ନାୟକ ଓ ଆଇନଜୀବୀ ପ୍ରଦୀପ କୁମାର ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ବ୍ରହ୍ମପୁର-୨ର ସିଡ଼ିପିଓ ବିଜୟ ଲକ୍ଷ୍ମୀ ନାୟକ ଓ ସୁପରଭାଇଜର ଭବାନୀ ବେହେରାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

# କିଆଫୁଲ କମୁଛି, ଦୁର୍ଦ୍ଦିନରେ ଚାଷୀ

**ସନ୍ତୋଷ କୁମାର ପାଢୀ**
**ଛତ୍ରପୁର,୧୯।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ହେଉଥିବା ବିଭିନ୍ନ ଫୁଲ ଚାଷ ମଧରୁ କିଆଫୁଲ ଏକ ଲାଭ ଦାୟକ ଚାଷ ବୋଲି କୁହାଯାଉଥିଲା। ଅପରପକ୍ଷରେ ଏବେ ଦିନକୁ ଦିନ ଏହି ଚାଷ କମିବାରେ ଲାଗିଛି। ପ୍ରୋତ୍ସାହନ ଓ ବିକ୍ରିବଟାର ଅଭାବ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିସହ କିଆ ବାଡରୁ ଫୁଲ କମ୍ ବାହାରୁଛି। ପୂର୍ବରୁ କିଆ ଫୁଲର ଦାମ ୧୦ ଟଙ୍କା ଥିବାବେଳେ ଏବେ ତାହା ୬ ଟଙ୍କାକୁ ଖସି ଆସିଥିବା ଚାଷୀମାନେ କହିଛନ୍ତି। ଏକଦା ଉକ୍ତ ଫୁଲ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରି ହେଉଥିଲା। ଏବେ ଦର କମିଯିବାରୁ କିଆ ଫୁଲ ଚାଷ ପ୍ରତି ଲୋକେ ମୁହଁ ଫେରାଉଛନ୍ତି। କାମ ଧନ୍ଦା ନ ପାଇ ଚାଷୀ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ବାଧ ହେଉଛି । ବିଶେଷକରି ୨୦୧୩ ଫାଇଲିନ ଜନିତ ବାତ୍ୟାରେ ବହୁ କିଆ ଗଛ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା, ଫଳରେ କିଆ ଫୁଲ ଫୁଟିବା କମିଯାଇଛି। ଏଥିସହ ହାତ ଗଣତି କିଆ ଭାଟି ଚାଲିଥିବା ଦେଖିବାକୁ ମିଳିଛି। ଏହି ସବୁ କାରଣ ଯୋଗୁ ଚାଷୀ, ଭାଟିରେ କାମ କରୁଥିବା ଶ୍ରମିକଙ୍କ ସମେତ ଏଥିରେ ସମ୍ପୃକ୍ତ ଥିବା ଲୋକଙ୍କ ଜୀବନ ଏକ ପ୍ରକାର ଦୁର୍ଦ୍ଦିନ ମଧରେ ଗତି କରୁଛି।

ପୂର୍ବରୁ ଯେତିକି ଫୁଲ ଫୁଟୁଥିଲା ସେଥିରୁ ମାତ୍ର ଅର୍ଦ୍ଧେକ ଫୁଲ ବାହାରୁଥିବା ଚାଷୀ ଜି.କିଷ୍ଟା କହିଛନ୍ତି। ବିଶେଷକରି ସମୁଦ୍ର ଉପକୂଳବର୍ତ୍ତୀ ଗଞ୍ଜାମ ଜିଲାର ଛତ୍ରପୁର, ଚିକିଟି ଓ ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ କିଆ ଫୁଲ ସଂଗ୍ରହ କରାଯାଇଥାଏ। କିନ୍ତୁ ବର୍ତ୍ତମାନ ଭାଟିକୁ ଆବଶ୍ୟକ କିଆ ଫୁଲ ଯୋଗାଇ ଦିଆଯାଇପାରୁନି । ଏଥିଲାଗି ବହୁ କିଆ ଭାଟି ବନ୍ଦ ରହିଛି।


କିଆ ବୁଦା।

### ବନ୍ଦ ହେଉଛି ଭାଟି

ଭାଟି ମାଲିକ ରବି ସାହୁ କହିଛନ୍ତି, ପୂର୍ବରୁ ବହୁ ପରିମାଣର କିଆ ଫୁଲ ଆସୁଥିଲା, ଆମେ ବି ପଇସା ଭଲ ରୋଜଗାର କରୁଥିଲୁ। ଏବେ କମ୍ ପରିମାଣର କିଆ ଫୁଲ ଭାଟିକୁ ଆସୁଛି। ଭାଟିରେ କାମ କରୁଥିବା ଶ୍ରମିକଙ୍କୁ ମଜୁରି ଦେବାରେ ମଧ କଷ୍ଟ ହେଉଛି । ଏଥିଲାଗି ଭାଟି ବନ୍ଦ କରୁଛୁ ବୋଲି ସେ କହିଛନ୍ତି । କିଆ ଫୁଲର ଦାମ ତଳକୁ ଖସିବାରେ ଲାଗିଛି । ଗଞ୍ଜାମ ଜିଲା କିଆ ଫୁଲ ଚାହିଦା ଭାରତର ବିଭିନ୍ନ ସ୍ଥାନରେ ରହି ଆସୁଥିଲା। ଉକ୍ତ ଫୁଲକୁ ସକାଳୁ ଚାଷୀ ତୋଳି ବ୍ୟବସାୟୀଙ୍କୁ ବିକ୍ରି କରିଥାଏ। ତାପରେ ବ୍ୟବସାୟୀ ଏହାକୁ ବିଭିନ୍ନ ଭାଟିକୁ ଆଣି ବାଷ୍ପ ଦ୍ୱାରା ତେଲ ସଂଗ୍ରହ କରିଥାଏ । ମହାରାଷ୍ଟ୍ର ବମ୍ବେ, କନୌଜ ଓ ଦିଲ୍ଲୀ ଆଦି ସ୍ଥାନକୁ ଏହି ତେଲ ପଠାଯାଇଥାଏ । ସେଠାରେ ଏଥିରୁ ବିଭିନ୍ନ ପ୍ରକାର ଅତର ଏବଂ ପାନ ମସଲା ଓ ଗୁଟ୍‌ଖା ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ।

# ବିଭିନ୍ନ ସମସ୍ୟା ନେଇ କୃଷକ ସଂଘର ଦାବିପତ୍ର

**ହିଞ୍ଜିଳିକାଟୁ,୧୯।୧୨(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ପୌରାଞ୍ଚଳ କୁରେଇଶୁଣୀ କୃଷକ ସଂଘ ପକ୍ଷରୁ ଶୁକ୍ରବାର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ କ୍ଷୁଦ୍ର ଚାଷୀ ରାଲିରେ ଆଙ୍କୋରଡ଼ାଠାରୁ ବାହାରି ବଇଁଚ ବଣିଆ ଦେଇ ମ୍ୟୁନିସିପାଲିଟି ଅଫିସରେ ପହଞ୍ଚି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, କ୍ଷୁଦ୍ର ପରିବା ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଖାଉଟିଙ୍କୁ ବିକ୍ରି କରିବା ବେଳେ ମ୍ୟୁନିସିପାଲିଟି କର୍ମଚାରୀଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି, ପରିବା ବଜାରରେ ଉତ୍ପାଦିତ ଦ୍ରବ୍ୟ ବିକ୍ରି ପାଇଁ ସେମାନଙ୍କ ଲାଗି ସ୍ଥାନ ନାହିଁ। ଏଥିସହ ଦ୍ରବ୍ୟର ଉଚିତ ଦର ନ ଦେଇ ପରିବା ବେପାରୀ ଦଲାଲ ସେମାନଙ୍କୁ ଶୋଷଣ କରୁଛନ୍ତି ଏବଂ ସରକାର କ୍ଷୁଦ୍ର ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ ଏହାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।



ଚାଷୀମାନଙ୍କ ରାଲି ସହର ପରିକ୍ରମା କରୁଛି।

# ଏସ୍‌ଏଚ୍‌ଜିଙ୍କ ମାଛଚାଷ ବୁଲି ଦେଖିଲେ ବିଧାୟକ

**ଛତ୍ରପୁର,୧୯।୧୨(ଡି.ଏନ.ଏ)**

ମହିଳାଙ୍କୁ ସଶକ୍ତିକରଣ କରିବା ନେଇ ରାଜ୍ୟସରକାରଙ୍କ ଜିବୀକା ମିଶନ ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ମାନେ ବିଭିନ୍ନ କାର୍ଯ୍ୟ କରି ସ୍ୱାବଲମ୍ବୀ ହେଉଛନ୍ତି। ଏହି ମିଶନ ଜରିଆରେ ସିଲେଇ ଶିକ୍ଷା ଠାରୁ ଆରମ୍ଭ କରି ଛତୁ ଚାଷ, ମାଛ ଚାଷ ସହ ବିଭିନ୍ନ ବ୍ୟବସାୟ କରି କିପରି ମହିଳାମାନେ ସେମାନଙ୍କ ଆର୍ଥିକ ସ୍ଥିତି ବୃଦ୍ଧି କରିବେ ସେଉପରେ ଧ୍ୟାନ ଦିଆଯାଉଛି। ଓଡିଶା ଜୀବିକା ମିଶନ ପକ୍ଷରୁ ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତ ଅଧିନ ସାଏବଜେନାପଲ୍ଲୀର ଶ୍ରୀ ମହାଲକ୍ଷ୍ମୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଗ୍ରାମରେ ଥିବା ପୋଖରୀ ଲିଜ୍ ନେଇ ମାଛ ଚାଷକରି ସ୍ୱାବଲମ୍ବୀ ହେଉଛନ୍ତି। ଶନିବାର ଛତ୍ରପୁର ବିଧାୟକ ବିଧାୟକ ସୁବାସ ଚନ୍ଦ୍ର ବେହେରା ମାଛ ଚାଷ ହେଉଥିବା ଉକ୍ତ ପୋଖରି ନିକଟକୁ ଯାଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରି ସେମାନେ କିପରି ଅଧିକରୁ ଅଧିକ ଅର୍ଥ ଉପାର୍ଜନ କରିପାରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ପୋଖରୀକୁ ୩ବର୍ଷ ପାଇଁ ଏହି ସଂଘ ଲିଜ୍ ନେଇ ମାଛ ଚାଷ କରୁଛି। ଛତ୍ରପୁର ବ୍ଲକରେ ୧୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଛଚାଷ କରି ସ୍ୱାବଲମ୍ବୀ ହୋଇଥିବା ସୂଚନା ଦିଆଯାଇଛି। ବିଧାୟକଙ୍କୁ କହିଥିଲେ। ଏହି ପରିଦର୍ଶନ ବେଳେ ବ୍ଲକ ଅଧ୍ୟକ୍ଷ ଏମ୍.ଧନଂଜୟ ରେଡ୍ଡି, ବିପିଏମ ମାନିନୀ ଜେନାଙ୍କ ସମେତ ସଂଘ ର ସମସ୍ତ ସଦସ୍ୟା ମାନେ ଉପସ୍ଥିତ ଥିଲେ।


ବିଧାୟକ, ବ୍ଲକ ଅଧକ୍ଷ ଆଲୋଚନା କରୁଛନ୍ତି।

# ୭୪ ଦୁର୍ଘଟଣା ମାମଲାର ଫଇସଲା

**ବ୍ରହ୍ମପୁର ଅଫିସ୍,୧୯।୧୨**

ଜାତୀୟ ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶ ଓ ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ସଂଯୋଜନାରେ ବ୍ରହ୍ମପୁରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଜଜ୍‌କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ ଲୋକ ଅଦାଲତ ବ୍ୟାଞ୍ଚ ହୋଇଥିଲା। ପ୍ରତ୍ୟେକ ବ୍ୟାଞ୍ଚରେ ଜଣେ ବିଚାର ବିଭାଗୀୟ ଅଧିକାରୀ ଓ ୨ ଜଣ ସଭ୍ୟ ରହିଥିଲେ। ଏଥିରେ ମୋଟର ଯାନ ଜନିତ ଦୁର୍ଘଟଣା ସମ୍ବନ୍ଧୀୟ ୭୪ ମାମଲାର ସମାଧାନ କରାଯାଇ ୩ କୋଟି ୪୯ ଲକ୍ଷ ୫୪ ହଜାର ୨୦୯ ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଛି। ବ୍ରହ୍ମପୁରରେ ଥିବା ପରିବାର ଅଦାଲତରେ ୩୨ ମାମଲା ଫଇସଲା ହୋଇଥିଲା। ସେଥିମଧ୍ୟରୁ ୨୫ପରିବାର ମଧରେ ଆପୋଷ ବୁଝାମଣା କ୍ରମେ ନିଜର ବୈବାହିକ ବିବାଦରୁ ଦୁରେଇ ଯାଇ ପୁଣିଥରେ ଖୁସିରେ ଜୀବନଯାପନ କରିବା ପାଇଁ ଦାବି ହୋଇଥିଲା। ସେହିପରି ୩୮ଦେୱାନୀ ମକଦ୍ଦମା, ୧୨୬ ଫୌଜଦାରୀ ମକଦ୍ଦମାରେ ଆପୋଷ ବୁଝାମଣା ହୋଇଛି। ଏଥିରେ ଗଞ୍ଜାମ ଜିଲା ଦୌରା ଜଜ୍ ରାମଚନ୍ଦ୍ର ହୋତା ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ପରିବାର ଅଦାଲତ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ଅତିରିକ୍ତ ଜିଲା ଦୌରା ଜଜ୍ (ପ୍ରଥମ) ଡ.ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲା ଦୌରା ଜଜ୍ (ଦ୍ୱିତୀୟ)ସଂଘମିତ୍ରା ଶର୍ମା, ଅତିରିକ୍ତ ଜିଲା ଦୌରା ଜଜ୍(ତୃତୀୟ) ନିରଞ୍ଜନ କୁମାର ଜେନା, ମୋଟର ଜନିତ ଦୁର୍ଘଟଣା ଅଦାଲତ ଜ୍ ସୌଭାଗିନୀ ମଲିକ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ଅମିତ୍ ସ୍ୱରୁପ ସେଠ୍ ସହଯୋଗ କରିଥିବା ବେଳେ ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ଅଲ୍ପନା ସ୍ୱାଇଁ ଏହାକୁ ପରିଚାଳନା କରିଥିଲେ।


ରାଷ୍ଟ୍ରୀୟ ଲୋକ ଅଦାଲତର ବିଚାର କରାଯାଉଛି।

- ରାଷ୍ଟ୍ରୀୟ ଲୋକ ଅଦାଲତ
- ୩,୪୯,୫୪,୨୦୯ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

# ଭଞ୍ଜନଗର ଏନ୍‌ଏସିରୁ ଜବରଦଖଲ ଉଚ୍ଛେଦ

**ଭଞ୍ଜନଗର,୧୯।୧୨(ଡି.ଏନ.ଏ)**

ଭଞ୍ଜନଗର ଏନ୍‌ଏସି ପକ୍ଷରୁ ଶନିବାର ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖ, ପରିବା ମାର୍କେଟ ଛକ, ବାଇପାସ୍ ଛକରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ପୋଲିସ ଏବଂ ଏନ୍‌ଏସି କର୍ମଚାରୀ ଉପସ୍ଥିତ ଥିଲେ। ଭଞ୍ଜନଗର ପାର୍କ ରାଜ୍ୟର ଏକ ପ୍ରମୁଖ ପାର୍କ। ତେଣୁ ପାର୍କ ସମ୍ମୁଖକୁ ଅଧିକ ସୁନ୍ଦର କରିବାକୁ ଏହି ଉଚ୍ଛେଦ କରାଯାଇଛି। ସେହିଭଳି ପରିବା ମାର୍କେଟ ଛକରେ ସାଇକେଲ ଓ ବାଇକ୍ ଷ୍ଟାଣ୍ଡ କରିବା ପାଇଁ ସେଠାରୁ ଜବରଦଖଲ କାରୀଙ୍କୁ ଉଚ୍ଛେଦ କରାଯାଇଛି। ବାଇପାସ୍ ଛକରେ ମାଛ ମାର୍କେଟ ତିଆରି ହୋଇଥିବା ବେଳେ ଜଣେ ବ୍ୟକ୍ତି ତାକୁ ଲାଗି ଏକ ଦୋକାନ କରିବାରୁ ତାହା ଉଚ୍ଛେଦ କରାଯାଇଛି ବୋଲି ଏନ୍‌ଏସି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ପାରଳାଖେମୁଣ୍ଡି(ଡି.ଏନ୍.ଏ.)/ଗୋଷାଣି,୧୯।୧୨**

ଗଜପତି ଜିଲା ଗୋଷାଣୀ ବ୍ଲକରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶବରା ପଞ୍ଚାୟତ ଏସ୍. ତାଳସିଂର ରଜନୀ ଶବର।

ପ୍ରକାଶ ଶବର ଓ ସ୍ତ୍ରୀ ରଜନୀ ବାଇକ୍ ଯୋଗେ (ଓଡ଼ି୨୦ବି-୦୭୩୫) ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ଗାରାବନ୍ଧ ଗ୍ରାମକୁ ଆସୁଥିବାବେଳେ ଏସ୍. ରାଉତପୁର ଗ୍ରାମ ପାଖ ଚର୍ଚ୍ଚ ନିକଟରେ ଏକ ଇଟା ବୋଝେଇ ଟ୍ରାକ୍ଟର (ଓଡ଼ି୨୦ଏ-୬୪୭୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍‌ଟି ଟ୍ରାକ୍ଟର ତଳେ ପଶି ଯାଇଥିଲା। ଘଟଣାସ୍ଥଳରେ ରଜନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ପ୍ରକାଶଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଗାରାବନ୍ଧ ଥାନାରେ ନଂ.୯୨/୨୦ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ କହିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଯାଇଛି।



# ମାଙ୍କଡ଼ ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ଆହତ

**ପୁରୁଷୋତ୍ତମପୁର,୧୯।୧୨(ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ବାଘଲା ଗ୍ରାମରେ ପାଞ୍ଚ ଦିନ ହେଲା ୨ ମାଙ୍କଡ ଆକ୍ରମଣରେ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ମାଙ୍କଡ଼ ଭୟରେ ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଏଥିପ୍ରତି ବନବିଭାଗ ଓ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅଭିଜିତ୍‌ଙ୍କ ନୂତନ ପୁସ୍ତକ ଉନ୍ମୋଚିତ

**ବ୍ରହ୍ମପୁର ଅଫିସ୍,୧୯।୧୨**

ଏଗାରଟି ଶବ୍ଦରେ ଏକ ହଜାର କବିତା ଲେଖି ରେକର୍ଡ଼ କରିଥିବା ଅଭିଜିତ୍ ପାଢୀଙ୍କ ଦ୍ୱାରା ଲିଖିତ କୋଏଟ୍ରି, ୩୦ ଏମ୍ଏଲ୍ ସଟ୍‌ସ୍ ଇଂଲିଶ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏ ନେଇ ଶନିବାର ଅଯୋଧ୍ୟା ନଗରଠାରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଅଭିଜିତ୍‌ଙ୍କ ନୂତନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ଡ.ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଭିଜିତ୍‌ଙ୍କ ରେକର୍ଡ଼ ପ୍ରତିଭାକୁ ଡ.ମହାନ୍ତି ପ୍ରଶଂସା କରିବା ସହ ଆଗାମୀ ଯୁବ ପିଢିଙ୍କ ପାଇଁ ଏହା ଉଦାହରଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭ୍ୟ ସୁଶାନ୍ତ ଦାଶ, ଇଂଲିଶ ଅଧ୍ୟାପକ ଡ.ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଅଭିଜିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଭିଜିତ୍ ପାଢୀ ଏଗାରଟି ଶବ୍ଦରେ ଲେଖିଥିବା ଏକ ହଜାର କବିତା ନଭେମ୍ବର ୨୧ରେ ହାଇରେଞ୍ଜ ବୁକ୍ ଅଫ୍ ୱାର୍ଲଡ଼ ରେକର୍ଡ଼ସରେ ସ୍ଥାନ ପାଇଥିଲା।


ପୁସ୍ତକ ଉନ୍ମୋଚିତ ଉତ୍ସବରେ ମଞ୍ଚାସୀନ ଅତିଥି।

# ପ୍ରଦୀପ ବିଧାୟକ ପଦରୁ ଇସ୍ତଫା ଦେବାକୁ ଦାବି

**ବ୍ରହ୍ମପୁର ଅଫିସ,୧୯।୧୨**

ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡି) ସାଙ୍ଗଠନିକ ବୈଠକ ଖଜୁରିଆରୋଡସ୍ଥ ଏକ ପଡ଼ିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜନ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳରୁ ବହିଷ୍କାର କରିଥିବା ଏବଂ ତାଙ୍କ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାରର ତଦନ୍ତ ଲାଗି ଲୋକାୟୁକ୍ତଙ୍କୁ କରିଥିବା ସୁପାରିସକୁ ସ୍ୱାଗତ କରାଯାଇଛି। ଏଥିସହ ପ୍ରଦୀପ ତୁରନ୍ତ ବିଧାୟକ ପଦରୁ ଇସ୍ତଫା ଦେବା ପାଇଁ କର୍ମୀଙ୍କ ପକ୍ଷରୁ ଦାବି କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରଦୀପଙ୍କ ବିରୋଧରେ ହୋଇଥିବା କଠୋର କାର୍ଯ୍ୟାନୁଷ୍ଠାନ ପରେ ଏହା ଥିଲା ନିର୍ବାଚନ ମଣ୍ଡଳୀ କର୍ମୀ ସମାବେଶ ପ୍ରଥମ।

ଜିଲା ବିଜେଡି ସଭାପତି ତଥା ପୂର୍ବତନ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ଓ ପଞ୍ଚାୟତ ନିର୍ବାଚନ ନିକଟତର ହୋଇଥିବାରୁ ବିଜେଡି ସଂଗଠନକୁ ଏବେଠୁ ଅଧିକ ମଜଭୁତ କରାଯିବାକୁ ମତ ପ୍ରକାଶ ପାଇଥିଲା। ଦଳରୁ ବିଧାୟକ ବହିଷ୍କୃତ ହୋଇଥିବାରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ପାଇଁ ନୂଆ ନେତା ମନୋନୀତ କରାଯିବାକୁ ଦାବି ହୋଇଥିଲା। ଦଳକୁ ସୁଦୃଢ଼ ନିମନ୍ତେ ପ୍ରଣବ ପ୍ରକାଶ ଦାସଙ୍କୁ ଦାୟିତ୍ୱ ଦିଆଯିବାକୁ ଅନେକ ଆଞ୍ଚଳିକ ନେତା ଓ କର୍ମୀ ମତବ୍ୟକ୍ତ କରିଥିଲେ। ଏ ଦିଗରେ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଥିଲା।

ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ଅଜିତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧକ୍ଷା ସିଏଚ ଉଷାରାଣୀ, ପୂର୍ବତନ ଅଧକ୍ଷା ପି. କମଳା ରେଡ୍ଡୀ, ଜିଲା ପରିଷଦ ସଭ୍ୟା ମଞ୍ଜୁଶ୍ରୀ ଦଳାଇ, ସଭ୍ୟ ଶଶୀଭୂଷଣ ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧକ୍ଷ କାମରାଜୁ ସେଠୀଙ୍କ ସମେତ ଦଣ୍ଡପାଣି ପାଣିଗ୍ରାହୀ, କାମରାଜୁ ରେଡ୍ଡୀ ଓ ଦୀପକ ସାମନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇ ପ୍ରଦୀପଙ୍କ ବିରୋଧରେ ବର୍ଷିଥିଲେ। ବୈଠକରେ ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡିର ୫ ପଞ୍ଚାୟତ ଏବଂ ମହାନଗରର ୫ ୱାର୍ଡ଼ରୁ ଅନେକ କର୍ମୀ ଯୋଗ ଦେଇଥିଲେ।

ରାଜ୍ୟ ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା ଓ ସଂଘମିତ୍ରା ଦଳାଇଙ୍କ ସମେତ ଉମା ଚରଣ ନାୟକ, କୈଳାସ ରଣା, ଜ୍ୟୋସ୍ନା ନାୟକ, ଭୀମସେନ ଦଳାଇ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମଣ ଚୌଧୁରୀ, ସୁରେନ୍ଦ୍ର ମହାରଣା ପ୍ରମୁଖ କର୍ମୀମାନେ ସଂଗଠିତ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିଜେଡି ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ ତାଙ୍କ ଭାଷଣରେ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ଐତିହାସିକ ବୋଲି ଦର୍ଶାଇଥିଲେ। ପ୍ରତାପ କୋଠିଆ, ସୁରେଶ ସାହୁ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ସଭାପତି ଚ୍ୟାଉ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ପ୍ରଦୀପଙ୍କୁ ଦଳରୁ ବହିଷ୍କାର କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ।


ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତାମାନେ

### ବିଜେଡି ସାଙ୍ଗଠନିକ ସମ୍ମିଳନୀ

- ଗୋପାଳପୁର ନିର୍ବାଚନ ମଣ୍ଡଳୀ
- ପ୍ରଦୀପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ
- ନୂଆ ନେତା ଚୟନ ଉପରେ ଗୁରୁତ୍ୱ

## ଟ୍ରକ୍-ବାଇକ୍ ଧକ୍କା, ଜଣେ ଗୁରୁତର

ପାରଳାଖେମୁଣ୍ଡି,(ଡି.ଏନ୍.ଏ.)- ପାରଳାଖେମୁଣ୍ଡିଠାରେ ଶୁକ୍ରବାର ସକାଳ ପ୍ରାୟ ୭ଟାରେ ଘନ କୁହୁଡ଼ି ଯୋଗୁ ଏକ ଦୁର୍ଘଟଣା ଘଟିଛି। ଗୁମ୍ମା ବ୍ଲକ ଝାମ୍ପି ଗ୍ରାମର ଦିଲେଶ୍ୱର ରାଓ ଶଶୁର ପି. ସୁରିୟା ନାରାୟଣଙ୍କ ସହ ଏକ ବାଇକ୍ (ନଂ.ଓଆର୨୦-୩୫୫୩)ରେ ମେଡିକାଲରୁ ଗ୍ରାମକୁ ଫେରୁଥିବାବେଳେ ଟାଉନ୍ ହଲ ନିକଟରେ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ପୋଲିସ ଓ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଗୋପାଳପୁର,୧୯।୧୨-କନିଷି ହାଟ ଛକ ନିକଟରେ ଶନିବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ମଦନମୋହନପୁରର ସଦାନନ୍ଦ ପାତ୍ର ଓ ଅନ୍ୟ ଜଣ ଚିକିଟି ଅଞ୍ଚଳର ବୋଲି ଜଣାପଡ଼ିଛି। ସଦାନନ୍ଦ ନିଜ ବାଇକ୍‌ରେ କନିଷି ହାଟ ରାସ୍ତା ପାର ହୋଇ ବ୍ୟାଙ୍କକୁ ଯାଉଥିବା ବେଳେ ଚିକିଟି ଅଞ୍ଚଳର ବ୍ୟକ୍ତି ଜଣକ ବାଇକ୍‌ରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ସମୟରେ ଉଭୟଙ୍କ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। କନିଷି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗୁରୁତର ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସଦାନନ୍ଦଙ୍କୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରର ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍ ପୋଲିସ ଜବତ କରିଛି।

### ଗଞ୍ଜେଇ ଗଛ ନଷ୍ଟ

ସୋରଡ଼ା,୧୯।୧୨(ଡି.ଏନ୍.ଏ.)- ସୋରଡ଼ା ବ୍ଲକ ବଡଗଡ଼ ଥାନା ଶଗଡ଼ବସା ଗ୍ରାମନିକଟ ପେଢିପଦର ପାହାଡ଼ରେ ୫୦ ଏକରରୁ ଉର୍ଦ୍ଧ୍ୱ ଅଞ୍ଚଳରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ଶନିବାର ପୋଡ଼ି ଦିଆଯାଇଛି। ଅବକାରୀ ବିଭାଗର ସୁପରିଣ୍ଟେଣ୍ଡାଣ୍ଟ ଅଭିରାମ ବେହେରା, ଏସ୍ ସୁର୍ଯ୍ୟମଣି ପ୍ରଧାନ, ତହସିଲଦାର କୋରେଶ କୁମାର ଜାନୀ, ବଡ଼ଗଡ଼ ଆଇଆଇସି ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୋରଡ଼ା ଆଇଆଇସି ରମେଶ କୁମାର ପ୍ରଧାନ ସମେତ ଆସିକା , ଶେରଗଡ଼ ପୋଲିସ, ବନବିଭାଗ ମିଳିତରେ ଚଢ଼ାଉ କରି ଗଞ୍ଜେଇ ଗଛ ନଷ୍ଟ କରିଥିଲା।

### କଂଗ୍ରେସକୁ ଚ୍ୟାଲେଞ୍ଜ କଲେ ନିରୁପମା

ଦିଗପହଣ୍ଡି,୧୯।୧୨(ଡି.ଏନ.ଏ.)- ଦିଗପହଣ୍ଡି ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଗପହଣ୍ଡି ନଗର ବିଜେଡିର ସଭାପତି ଲକ୍ଷ୍ମୀ ନୃସିଂହ ମାର୍ଥା, ପୂର୍ବତନ ଏନ୍ଏସି ଅଧକ୍ଷ ଭି. ରବି ନାରାୟଣ ରାଜୁ, ଉପାଧକ୍ଷ ପ୍ରଦୀପ୍ତ କୁମାର ପଟ୍ଟନାୟକ, ଦଳୀୟ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର ପଟ୍ଟନାୟକ, ଡ. ଯୁଧିଷ୍ଠିର ସ୍ୱାଇଁ, ରମେଶ ଚନ୍ଦ୍ର ପାତ୍ର ଓ ମାଗି ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ସ୍ଥାନୀୟ କଂଗ୍ରେସର ଦଳୀୟ ନେତୃବୃନ୍ଦଙ୍କ ବିରୋଧରେ ବିଷୋଦଗାର କରିଥିଲେ ଦିଗପହଣ୍ଡି ଏନ୍ଏସିର ପ୍ରାକ୍ତନ କାଉନସିଲର ନିରୁପମା ପଟ୍ଟନାୟକ। କଂଗ୍ରେସର ପରାଜିତ ବିଧାୟକ ପ୍ରାର୍ଥୀ ଗତ ଶୁକ୍ରବାର ଖବରଦାତା ସମ୍ମିଳନୀ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ମନଗଢ଼ା ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସେ ଦଳ ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ଥିବାରୁ ତାଙ୍କୁ କଂଗ୍ରେସ ଦଳ ପୂର୍ବରୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଥିବା ଯାହା କୁହାଯାଇଛି ସେ ସବୁର ଗୋଟି ଗୋଟି କରି ପ୍ରମାଣ ଦେବାକୁ ସେ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ମୁଁ ନୁହେଁ ବରଂ ସେ ପୂର୍ବରୁ ଏନ୍ଏସି ଅଧକ୍ଷ ପଦବୀ ଲୋଭରେ କଂଗ୍ରେସ ଦଳ ତ୍ୟାଗ କରି ବିଜେଡିକୁ ଯାଇଥିଲେ। କଂଗ୍ରେସରେ ରହି ଲୋକଙ୍କ ସେବା କରିବାରେ କଷ୍ଟ ଅନୁଭବ କରିବାରୁ ସେ ଗତ ୭ ତାରିଖରେ ଇସ୍ତଫା ଦେଇ ୧୬ ତାରିଖରେ ବିଜେଡିରେ ଯୋଗ ଦେଇଥିବା କହିଥିଲେ। ଏହି ସମ୍ମିଳନୀରେ ନଗର ବିଜେଡିର ପ୍ରମୁଖ କାର୍ଯ୍ୟକର୍ତ୍ତା ଜିତେନ୍ଦ୍ର ମାର୍ଥା, ସୁଶାନ୍ତ କୁମାର ପାତ୍ର, ନିଗମ ପ୍ରସାଦ ପଣ୍ଡା, ପ୍ରଶାନ୍ତ ପାଣିଗ୍ରାହୀ, ନୀଳକଣ୍ଠ ପଟ୍ଟନାୟକ, ଶିବ ଶଙ୍କର ଗୌଡ଼, ବଳରାମ ମହାରଣା, ଟୁଲୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ସିଦ୍ଧି ବିନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟ
### ଅନଙ୍ଗପୁର ବିଜୟୀ

ଦିଗପହଣ୍ଡି,୧୯।୧୨(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ କୁଶପଡ଼ା ଗ୍ରାମ ନିକଟ କମା ପଡ଼ିଆଠାରେ ଚାଲିଥିବା ସିଦ୍ଧ ବିନାୟକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୨ୟ ଦିବସ ମ୍ୟାଚ ହୋଇଥିଲା। ଏଥିରେ ଟସ୍ ଜିତି ପ୍ରଥମେ ଅନଙ୍ଗପୁର ଗ୍ରାମର କ୍ରିକେଟ ଟିମ ବୋଲିଂ କରିଥିଲେ। ପ୍ରତିପକ୍ଷ କଂସାମାରି ଗ୍ରାମର ଶିବାଜୀ କ୍ରିକେଟ ଟିମ ୭ ଓଭରରେ ସମସ୍ତ ଉଇକେଟ ହରାଇ ୫୯ ରନ ହାସଲ କରିଥିଲେ। ଜବାବରେ ଅନଙ୍ଗପୁର ୬ ଉଇକେଟ ହରାଇ ୬୦ ରନ ହାସଲ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ବିକ୍ରମ ମହାରଣା ଏବଂ ମଳୟ ପାଢ଼ୀ ମ୍ୟାଚରେ ଅମ୍ପାୟରିଂ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା ସନ୍ତୋଷ ଦୋରା, କୃଷ୍ଣଚନ୍ଦ୍ର ମହାରଣା, ଚନ୍ଦନ ଦୋରା, ଶ୍ରୀକାନ୍ତ ଦୋରା, ନବୀନ ମହାରଣା, ଜିତୁ ଦୋରା ପ୍ରମୁଖ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ।

# ଇଟା ଭାଟି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ

**ଭଞ୍ଜନଗର,୧୯।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ରାଜସ୍ୱ ଉପଖଣ୍ଡରେ ବେନିୟମ ଭାବେ ଶହଶହ ଇଟାଭାଟି ଚାଲିଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବାସହ ରାଜସ୍ୱ କ୍ଷତି ଘଟୁଛି। ଇଟା ଭାଟିରେ କାମ କରୁଥିବା ଶ୍ରମିକମାନେ ମଧ୍ୟ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହେଉଛନ୍ତି। ଏନେଇ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶନିବାର ବେଲଗୁଣ୍ଠା ବ୍ଲକର ଖାରିଗୁଡ଼ା, ଜିଲିବା, ସୁରମଣି, ବେଲପୁଞ୍ଜି, କାଳିଆଗୁଡ଼ାରେ ଚାଲିଥିବା ବେଆଇନ ଇଟାଭାଟି ଉପରେ ଚଢ଼ାଉ କରିଥିଲେ। ଏହାପରେ ତୁରନ୍ତ ଉକ୍ତ ଇଟାଭାଟି ଗୁଡ଼ିକୁ ବନ୍ଦ କରାଯାଇଥିଲା। ଏଥିସହ ଜମି ମାଲିକ ଏବଂ ଇଟା ଭାଟି ମାଲିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉପ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ବେଆଇନ ଇଟାଭାଟି ଉପରେ ଚଢ଼ାଉ**


ଇଟାଭାଟି ଉପରେ ଉପ ଜିଲାପାଳ ଚଢ଼ାଉ କରୁଛନ୍ତି।

ଆଗାମୀ ଦିନରେ ଉପଖଣ୍ଡର ଅନ୍ୟାନ୍ୟ ଅଞ୍ଚଳରେ ଏହିଭଳି ଅଚାନକ ଚଢ଼ାଉ କରାଯିବ। ଚଢ଼ାଉ ସମୟରେ ବେଲଗୁଣ୍ଠା ଅତିରିକ୍ତ ତହସିଲଦାର ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଉପ ଜିଲାପାଳ ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲକୁ ଯାଇ ମେଡ଼ିକାଲର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ। ପରିମଳ ବ୍ୟବସ୍ଥା ଏବଂ ଉତମ ରୋଗୀ ସେବା ଉପରେ ଉପ ଜିଲାପାଳ ଶ୍ରୀ ମିଞ୍ଜ ମେଡ଼ିକାଲ ଅଧିକ୍ଷକ ଡ଼.ସିତାଂଶୁ ଶତପଥିଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ମେଡ଼ିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ବିଭିନ୍ନ ମନ୍ଦିରରେ ପହିଲି ଭୋଗ

**ସୋରଡ଼ା,୧୯।୧୨(ଡି.ଏନ୍.ଏ.)**

ସୋରଡ଼ା ବ୍ଲକ ସମେତ ଏନ୍ଏସିର ବିଭିନ୍ନ ମନ୍ଦିର ଗୁଡ଼ିକରେ ପହିଲି ଭୋଗ ଚାଲିଛି। ଶିତୁଆ ସକାଳରେ ସହରାଞ୍ଚଳ, ଗ୍ରାମାଞ୍ଚଳର ଜନସାଧାରଣ ମନ୍ଦିରଗୁଡ଼ିକରେ ପହଞ୍ଚି ଯାଉଛନ୍ତି। ଭୋର୍‌ରୁ ଭୋଗ ହୋଇ ପ୍ରସାଦ ପ୍ରସ୍ତୁତ ରହିଥାଏ। ଧନୁ ସଙ୍କ୍ରାନ୍ତିରୁ ମକର ସଙ୍କ୍ରାନ୍ତି ଏକ ମାସ ଧରି ଏହି ଭୋଗର ଆସର ଚାଲିଥାଏ। ସାଙ୍ଗସାଥି, ରାଜନୈତିକ, ଚାକିରିଆ, ବ୍ୟବସାଇ, ସଙ୍ଗଠନମାନେ ଗୋଷ୍ଠୀ ହୋଇ ଭୋଗ ଖାଇବାକୁ ଯାଇଥାନ୍ତି। ଭୋଗ ମଧ୍ୟରେ ମିଠାଭାତ, ମିଠାଡାଲି, ଘଣ୍ଟା ତରକାରୀ, ଆମ୍ବିଳ, ମହୁର, ଗୋଲେଇ ଭଜା, ବେସର, ୫ ପ୍ରକାର ଭରତା, ଖିରୀ, ପିଠା ଆଦି ରହିଥାଏ। ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ରଜନୀକାନ୍ତ ମହାପାତ୍ର, ସୁପକାର ମୁନା ପତ୍ରୀ ସେଠାକାର ଭୋଗ ସମସ୍ତଙ୍କ ମନୋଲୋଭ କରିବା ପାଇଁ ଦୃଷ୍ଟି ଦେଉଥିବା ବେଳେ, ସାନକାଳି ମନ୍ଦିର ଅଞ୍ଚଳର ସୁପକାର ଦେବରାଜ ପଣ୍ଡା, ବଡକାଳି ମନ୍ଦିରରେ ଯୁବ ପୂଜକ ମଧୁସୂଦନ ସାହୁ ପ୍ରମୁଖ ରୋଷେଇ କରୁଛନ୍ତି। ପାରମ୍ପରିକ ଏହି ଭୋଗ ପାଇଁ ସମସ୍ତଙ୍କ ଆଶା ରହିଥାଏ। ଏଥିପାଇଁ ଭୋଗ ଲାଗି ପ୍ରତିଦିନ ମନ୍ଦିରରେ ଭିଡ଼ ଜମିଥାଏ।


ପ୍ରସ୍ତୁତ ହୋଇଥିବା ପହିଲି ଭୋଗ।

# ଛିଣ୍ଡିଲା ବିଦ୍ୟୁତ୍ ତାର, ଜଣେ ମୃତ

**ବୁଗୁଡ଼ା,୧୯।୧୨(ଡି.ଏନ.ଏ.)**

୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ବୁଗୁଡ଼ା ଥାନା ବି.ବ୍ରହ୍ମପୁର ଗ୍ରାମ ନିକଟସ୍ଥ ବିଲରେ ଥିବା ୧୦ ଭରଣ ଧାନଗଦା ଓ ଧାନ ଅମଳ ଯନ୍ତ୍ର ଜଳିଯିବା ସହ ଶନିବାର ଅପରାହ୍ନରେ ଚାଳକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ତାରସିଙ୍ଗି ଥାନା ତୁଳସୀପଲ୍ଲୀର ମନୋଜ କୁମାର ପ୍ରଧାନ (୨୮)। ଏ ନେଇ ବୁଗୁଡ଼ା ଥାନାରେ ନଂ. ୪୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବିଲରେ ମନୋଜ ଅମଳ ଯନ୍ତ୍ର ସାହାର୍ଯ୍ୟରେ ଧାନ ଅମଳ କରୁଥିଲେ। ଉକ୍ତ ବିଲ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ଯାଇଥିଲା। ଫଳରେ ଧାନ ସହ ଧାନ ଅମଳ ଯନ୍ତ୍ରଟି ଜଳିଯାଇଥିଲା।


ଜଳିଯାଇଥିବା ଧାନ ଅମଳ ଯନ୍ତ୍ର ।


ଛିଡି ପଡିଥିବା ବିଦ୍ୟୁତ୍ ତାର।

**ଜଳିଗଲା ଧାନଗଦା, ଧାନ ଅମଳ ଯନ୍ତ୍ର**

ମନୋଜ ମଧ୍ୟ ସେହି ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଗ୍ରାମବାସୀ ମନୋଜଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଖବର ପାଇ ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ପୋଲିସ ଏଏସ୍ଆଇ ଯୁଧିଷ୍ଠିର ମହାଙ୍କୁଡ଼ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ଖାଦ୍ୟଶସ୍ୟ

**ଦିଗପହଣ୍ଡି,୧୯।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ଏନ୍ଏସି ଶୋଭାବତୀ ନଗର ପ୍ରଥମ ଲେନରେ ଶନିବାର ମଧ୍ୟାହ୍ନରେ ବିଦ୍ୟୁତ୍ ଶଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୬୦ ହଜାର ଟଙ୍କା ମୂଲ୍ୟର ଖାଦ୍ୟଶସ୍ୟ ଓ ଆସବାବପତ୍ର ଜଳିଯାଇଛି। ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିରରେ କାର୍ଯ୍ୟରତ ଆଚାର୍ଯ୍ୟ ବାବୁଲା ପଣ୍ଡା ବିଦ୍ୟା ମନ୍ଦିରକୁ କାମ ପାଇଁ ଯାଇଥିବା ବେଳେ ଘରର ଦ୍ୱିତୀୟ ମହଲାରେ ହଠାତ୍ ନିଆଁ ଲାଗି ଯାଇଥିଲା। ଅନ୍ୟ ସଦସ୍ୟମାନେ ତଳଘରେ ଥିବାରୁ ପୋଡ଼ାଗନ୍ଧ ଏବଂ ବାହାର ଲୋକଙ୍କ ପାଟି ଶୁଣିବା ପରେ ଘଟଣା ଜାଣିଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ଫାଇଲେରିଆ ନିରାକରଣ ଲାଗି ଆହ୍ୱାନ

**ଫୁଲବାଣୀ ଅଫିସ, ୧୯।୧୨**

ଫାଇଲେରିଆ ରୋଗ ନିରାକରଣ ପାଇଁ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି. ଏଥିରେ ଅଧକ୍ଷତା କରିଥିଲେ। ଜିଲାର ସମସ୍ତ ବିଭାଗ ଯେପରିକି ସ୍କୁଲ ଓ ଗଣଶିକ୍ଷା, ଓଡ଼ିଶା ଜୀବିକା ମିଶନ୍, ମିଶନ୍ ଶକ୍ତି, ଉନ୍ନୟନ, ଆରକ୍ଷୀ, ଜଙ୍ଗଲ, ସମାଜ କଲ୍ୟାଣ ବିଭାଗ ସହିତ ଏନ୍‌ଜିଓ ଏବଂ ଯୁଥ୍ କ୍ଲବ୍ ଆଦିକୁ ଏଥିରେ ସାମିଲ କରି ଜିଲାକୁ ଫାଇଲେରିଆ ମୁକ୍ତ କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରାମର୍ଶଦାତା ଡା. ଶ୍ୟାମ ରଥ, ଡା. ପି.ସି. ଦତ୍ତ ଜିଲାରୁ କିପରି ଫାଇଲେରିଆ ମୁକ୍ତ କରାଯିବ, ତାହା ଉପରେ ଆଲୋଚନା କରିଥିଲେ। ରାଜ୍ୟ ପରାମର୍ଶ ଦାତା ଡା. ମଦନ ମୋହନ ପ୍ରଧାନ ଜିଲାର ସ୍ଥିତି ଓ ଫାଇଲେରିଆ ଔଷଧ ସେବନ ଉପରେ ସମ୍ୟକ ଧାରଣା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ଏହି ରୋଗର ପ୍ରମୁଖ କାରଣ ଓ ନିରାକରଣ ଉପରେ ଅବଗତ କରିବା ସହ ବିଭିନ୍ନ ବିଭାଗର ସହଯୋଗ କାମନା କରିଥିଲେ। ସେହିପରି ଜିଲା ମ୍ୟାଲେରିଆ ଅଧିକାରୀ ଡା. ପ୍ରଭାକର ସାହୁ ଏହି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଭେକ୍ଟର ବାହିତ ରୋଗ ପରାମର୍ଶଦାତା କୁମୁଦ ଚନ୍ଦ୍ର ସାହୁ ଜିଲାରେ ଫାଇଲେରିଆ ରୋଗର ସ୍ଥିତି, ଔଷଧ ବିବରଣୀ, ତୃଣମୂଳ ସ୍ତରରେ ସଚେତନତା ବୃଦ୍ଧି କରିବା ପାଇଁ ନେବାକୁ ଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠିତ ବୈଠକରେ ସମସ୍ତ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଡୁରୁମୁ କ୍ରିକେଟ ଟୁର୍ନାମେଣ୍ଟ: ନୂଆଗାଁ ଚାମ୍ପିୟନ

**ଭଞ୍ଜନଗର,୧୯।୧୨(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଡୁରୁମୁରେ ୧୦ଦିନ ଧରି ଚାଲିଥିବା ସ୍ୱର୍ଗତ ସୁନିଲ ସାହୁ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଜି.ନୁଆଁଗା କୁଲାଡ଼କୁ ୧୪ ରନରେ ପରାସ୍ତ କରି ଚାମ୍ପିୟନ ଟାଇଟଲ ହାସଲ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ଡୁରୁମୁ ସରପଞ୍ଚ ଟୁଟୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁଦାମ ଦଳବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଗାଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୭ ରନ ସଂଗ୍ରହ କରିଥିଲା। କୁଲାଡ଼ ଦ୍ୱିତୀୟ ବ୍ୟାଟିଂ କରି ୧୩୩ ରନ କରିବାକୁ ସକ୍ଷମ ହୋଇଥିଲା। ସୁଜିତ ପ୍ରଧାନ, ବଚନ ବେହେରା, ବୈରାଗୀ ଗୌଡ଼ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ପୁରସ୍କାର ପ୍ରଦାନ ଉତ୍ସବରେ ଖେଳାଳିମାନେ।

## ମୋ ସ୍କୁଲ ଅଭିଯାନ କମିଟିର ବୈଠକ

**ରାଇକିଆ,୧୯।୧୨(ଡି.ଏନ୍.ଏ.)**

ରାଇକିଆ ବିଜୟ ହାଇସ୍କୁଲର ମୋ ସ୍କୁଲ ଅଭିଯାନ କମିଟିର ବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋ ସ୍କୁଲ କମିଟି ସଭାପତି ପୂର୍ବତନ ବିଦ୍ୟାଳୟ ଛାତ୍ର ପ୍ରଦୀପ ପ୍ରଧାନଙ୍କ ଅଧକ୍ଷତା କରିଥିଲେ। ପୂର୍ବରୁ ପୁରାତନ ଛାତ୍ରମାନଙ୍କଠାରୁ ୮୦ ହଜାର ପାଞ୍ଚଶହ ଟଙ୍କା ଆଦାୟ ହୋଇଥିବା ବେଳେ ସରକାରଙ୍କଠାରୁ ୧ ଲକ୍ଷ ୬୧ ହଜାର ଟଙ୍କା ଅନୁଦାନ ଆକାରରେ ମିଳିଥିବା ଅର୍ଥକୁ ଦୁଇଟି ଶ୍ରେଣୀରେ ଚେୟାର ଟେବୁଲ ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳ ସୂଚନା ଦେଇଥିଲେ। ଏଥିସହ ଚଳିତ ବର୍ଷ ପାଇଁ ଅର୍ଥ ସଂଗ୍ରହ ଏବଂ କାର୍ଯ୍ୟକାରିତା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଫାଦର୍ ପ୍ରଦୋଷ ନାୟକ, ପୁରାତନ ଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଗୁମ୍ମାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ



ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

**ପାରଳାଖେମୁଣ୍ଡି,ଗୁମ୍ମା,୧୯।୧୨(ଡି.ଏନ୍.ଏ.)**

ଗଜପତି ଜିଲା ଗୁମ୍ମା ବ୍ଲକ ଗୁମ୍ମା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପ୍ରାୟ ୮୦ଜଣ ଯୁବକ ଓ ଛାତ୍ର ରକ୍ତଦାନ କରିଥିଲେ। ବିଜେଡି ବ୍ଲକ ସଭାପତି ଏନ୍ୟାସ ଗମାଙ୍ଗ, ତରଭା ସରପଞ୍ଚ ଯୋଶ୍ଲିଏସ୍ ଭୂୟାଁ, ଗୁମ୍ମା ସରପଞ୍ଚ ଜିକନିୟ ରଇତ, ଗୁମ୍ମା ଆଦର୍ଶ ବିଦ୍ୟାଳୟ ଇନ୍‌ଚାର୍ଜ ପ୍ରିନ୍ସପାଲ କେଦାର ନାଥ ଦାସଙ୍କ ସମେତ ବିନୋଦିନୀ ସାଇନ୍ସ କଲେଜର ୨୦ଜଣ ଛାତ୍ର ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡ଼ି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ବସନ୍ତ ଦାସ, ଲକ୍ଷ୍ମୀ ପରିଚ୍ଛା, ଅନିତା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ବୁଗୁଡ଼ା,୧୯।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଟାକରଡ଼ାରେ ଶୁକ୍ରବାର ତହସିଲ ପ୍ରଶାସନ ପକ୍ଷରୁ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତହସିଲଦାର ସଂଗ୍ରାମ କେଶରୀ ଜେନା, ବି.କରଡ଼ାବାଡ଼ି ରାଜସ୍ୱ ନିରୀକ୍ଷକ ଲିଙ୍ଗରାଜ ସାହୁ ଉପସ୍ଥିତ ଥିଲେ। ଏଥିରେ ୪୪ଟି ଅଭିଯୋଗର ପଞ୍ଜୀକରଣ ହୋଇଥିବା ବେଳେ ୩୯ ଜଣ ହିତାଧିକାରୀଙ୍କୁ ମାଗଣା ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଟାକରଡ଼ା, କରଚୁଲି, କରସିଙ୍ଗି ଓ ଭଗବାନପୁର ପଞ୍ଚାୟତର ସରପଞ୍ଚ, ସରପଞ୍ଚ ପ୍ରତିନିଧି, ପୂର୍ବତନ ସମିତିସଭ୍ୟ ମୁକୁନ୍ଦ ନାୟକ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ।

# ୧୭୯ଜଣଙ୍କୁ ପଟ୍ଟା ବଣ୍ଟନ

**ଆସିକା,୧୯।୧୨(ଡି.ଏନ୍.ଏ.)**

ଆସିକା ବ୍ଲକର କାଳଷଣ୍ଢପୁର ପଞ୍ଚାୟତରେ ଶୁକ୍ରବାର ଆସିକା ତହସିଲ ପକ୍ଷରୁ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତହସିଲଦାର ସଦାନନ୍ଦ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବ କର, ବରିଷ୍ଠ ବିଭାଗୀୟ ସହାୟକ ପ୍ରସନ୍ନ କୁମାର ତ୍ରିପାଠୀ, କାଳଷଣ୍ଢପୁର ସରପଞ୍ଚ ଧନମାଳି ସିୟ ପ୍ରମୁଖ ମଞ୍ଚାସୀନ ଥିଲେ। ଜମିଜମା ସଂକ୍ରାନ୍ତିୟ ୫୦ଟି ଅଭିଯୋଗ ଦାଖଲ ହୋଇଥିଲା। ବିଧାୟିକାଙ୍କ ଦ୍ୱାରା ୧୭୯ଜଣଙ୍କୁ ଘରଡିହ ଓ ଜମି ପଟ୍ଟା ସହ ୧୮ଜଣଙ୍କୁ ଆୟ, ବାସସ୍ଥାନ ଆଦି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।


ବିଧାୟିକା ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

# ମଣ୍ଡିରେ ଚାଷୀଙ୍କୁ ସଚେତନ କରିବ ଭାଜପା

**ଫୁଲବାଣୀ ଅଫିସ, ୧୯।୧୨**

କେନ୍ଦ୍ର କୃଷି ଆଇନ ବିରୋଧରେ ଚାଲିଛି ଚାଷୀ ଆନ୍ଦୋଳନ। ପ୍ରକୃତରେ ଚାଷୀ ଏହି ଆଇନ ବିଷୟରେ ଜାଣୁ ନାହାନ୍ତି। ବିପକ୍ଷ ରାଜନୈତିକ ଦଳର ଚକ୍ରବ୍ୟୁହରେ ଫସି ଯାଉଛନ୍ତି। ସରକାର ସବୁ ବେଳେ ଚାଷୀଙ୍କ ସୁରକ୍ଷା ଏବଂ ସେମାନଙ୍କ ଉନ୍ନତି ପାଇଁ ଚିନ୍ତା କରୁଛନ୍ତି। ଚାଷୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଥିବା ସମସ୍ତ ବ୍ୟବସ୍ଥା ଉପରେ ଏଣିକି ଅବଗତ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଭାଜପା କୃଷକ ମୋର୍ଚ୍ଚା ମଣ୍ଡିକୁ ଯାଇ ଚାଷୀଙ୍କୁ ସବୁ ଜଣାଇବା ସହ କ'ଣ ବ୍ୟବସ୍ଥା ରହିଛି ସେଠାରେ ପୋଷ୍ଟର ମାରି ସଚେତନ କରିବ। ଅପରପକ୍ଷେ ପରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ଘଟଣାରେ ସାମିଲ ଥିବା କୃଷି ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଭାରତୀୟ ଜନତା ପାର୍ଟି ଶନିବାର ଫୁଲବାଣୀ ପ୍ରେସ୍ କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦାବି କରିଛି।



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଦେଶରେ ବହୁ ପୁରାତନ କୃଷି ଆଇନ ଦ୍ୱାରା କୃଷକଙ୍କର ସେଭଳି କିଛି ଉନ୍ନତି ହେଲା ନାହିଁ। କୃଷକଙ୍କ ଆୟକୁ ୨୦୨୨ ସୁଦ୍ଧା ଦ୍ୱିଗୁଣିତ କରିବାକୁ ନୂତନ କୃଷି ଆଇନରେ ସବୁ ପ୍ରକାର ପଦକ୍ଷେପ ନିଆଯାଇଛି। ଚାଷୀଙ୍କୁ ଅଭାବୀ ବିକ୍ରି ସମସ୍ୟାରୁ ମୁକ୍ତି ନ କଲା ପର୍ଯ୍ୟନ୍ତ ବିକାଶ ହୋଇପାରିବ ନାହିଁ। କୃଷି ଆଇନ କୃଷକଙ୍କୁ ମଧ୍ୟସ୍ଥମାନଙ୍କ ଦାଉରୁ ରକ୍ଷା କରିବ। କେନ୍ଦ୍ର ସରକାର କୃଷକଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଥିବା ବେଳେ ରାଜ୍ୟ ସରକାରଙ୍କ ଅସହଯୋଗ କାରଣରୁ ଓଡିଶାର ଚାଷୀ କେନ୍ଦ୍ରୀୟ ଯୋଜନାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ(ଏମ୍ଏସ୍‌ପି) ୧୮୬୮ ଟଙ୍କା ଦେଉଥିବା ବେଳେ ମଣ୍ଡିରେ ୩ରୁ ୮ କେଜି ପର୍ଯ୍ୟନ୍ତ କଟନି ଛଟନି ହେଉଛି। ଫଳରେ ଚାଷୀ ପ୍ରକୃତ ମୂଲ୍ୟ ପାଇ ପାରୁନାହିଁ। ମଣ୍ଡିର ଭିତ୍ତିଭୂମି ପାଇଁ ଅର୍ଥର ବ୍ୟୟ ବରାଦ ହେଉଛି। ଧାନ ଅଖା ପାଇଁ କେନ୍ଦ୍ର ଟଙ୍କା ଦେଉଥିଲେ ମଧ୍ୟ ଚାଷୀଙ୍କୁ ତାହା ପ୍ରଦାନ କରାଯାଉନାହିଁ। ଚଳିତ ବର୍ଷ ଧାନ କିଣା ପାଇଁ କେନ୍ଦ୍ର ସରକାର ୧୮ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିଲେ ହେଁ, ରାଜ୍ୟରେ ଏ ପର୍ଯ୍ୟନ୍ତ ଅର୍ଦ୍ଧାଧିକ ଜିଲାରେ ମଣ୍ଡି ଖୋଲି ପାରିନାହିଁ। ଆଗାମୀ ୩ ମାସ ମଧ୍ୟରେ ଭାଜପା କୃଷକ ମୋର୍ଚ୍ଚା ମଣ୍ଡି ଚାଲ ଅଭିଯାନ ମାଧ୍ୟମରେ ମଣ୍ଡିକୁ ଯାଇ ସ୍ଥିତି ଅନୁଧ୍ୟାନ କରିବ ବୋଲି ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ ପ୍ରକାଶ କରିଛନ୍ତି।

**ପରୀ ହତ୍ୟାକାଣ୍ଡର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି**

ସେହିପରି ପରୀ ହତ୍ୟାକାଣ୍ଡରେ ଏସ୍ଆଇଟି ତଦନ୍ତ ଠିକ୍ ହୋଇନାହିଁ, ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରା ନଗଲେ ଆଗାମୀ ଦିନରେ କନ୍ଧମାଳରୁ ଲୋକେ ପୀଡିତାଙ୍କ ଘରକୁ ଯିବା ସହ ଜିଲାରେ ପଦଯାତ୍ରା କରି ପ୍ରତିବାଦ ଜଣାଇବେ ବୋଲି ଜିଲା ସାଧାରଣ ସମ୍ପାଦକ ଭଗବାନ ମହାନ୍ତି କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ପୂର୍ବତନ ଜିଲା ସଭାପତି ଲିଙ୍ଗରାଜ ଦଳବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳା କାନ୍ତ ପାଣ୍ଡେ, ପଦ୍ମଚରଣ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

